## ସଂକ୍ଷେପରେ

### ଏନ୍‌ଏସି ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଯୋଗଦାନ

ଜି.ଉଦୟଗିରି,୨୨।୧(ଚିନ୍ମୟ କୁମାର ସେଠୀ) ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡ଼ଙ୍ଗୀଙ୍କ ଅନ୍ୟତ୍ର ବଦଳି ହେବା ପରେ ତାଙ୍କ ସ୍ଥାନରେ ବୁଧବାର ୧ଟା ୫୦ ମିନିଟ୍ ସମୟରେ ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଆଶୁତୋଷ ଗୌରବ କର (ଓପ୍ରାସେ) ଯୋଗଦାନ କରିଛନ୍ତି। କର କାର୍ଯ୍ୟାଳୟରେ ପହଞ୍ଚିବା ପରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପୂର୍ବ କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡ଼ଙ୍ଗୀଙ୍କ ଠାରୁ କାର୍ଯ୍ୟଭାର ଗ୍ରହଣ କରିଛନ୍ତି ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ। କର ପୂର୍ବରୁ କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ୪୫ ବର୍ଷ ପୁରୁଣା ପରିଷଦ କାର୍ଯ୍ୟାଳୟରେ ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଯୋଗ ଦେଇଛନ୍ତି।

### ଦୁଇ ପଡୋଶୀଙ୍କ ମଧ୍ୟରେ ସଂଘର୍ଷ, ୧୦ ଆହତ

ଦିଗପହଣ୍ଡି,୨୨।୧(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ସୁମନ୍ତପୁର ଗ୍ରାମରେ ଘର ବାରିପଟ ସିମା ସରହଦକୁ ନେଇ ଦୁର୍ଯ୍ୟୋଧନ ସାହୁ ଏବଂ ସୁବାସ ଚନ୍ଦ୍ର ସାହୁ ଦୁଇ ପଡୋଶୀଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟିବାରୁ ଉଭୟ ପରିବାରର ୧୦ ଜଣ ଆହତ ହୋଇଛନ୍ତି। ଏନେଇ ଉଭୟପକ୍ଷ ଦିଗପହଣ୍ଡି ଥାନାରେ ଏତଲା ଦେବାପରେ ଆଇଆଇସି ପ୍ରଶାନ୍ତ କୁମାର ପାତ୍ର ଥାନା ମାମଲା ନଂ.୩୫/୨୫ ଏବଂ ୩୬/୨୫ ଅନୁଯାୟୀ ପୃଥକ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛନ୍ତି। ମଙ୍ଗଳବାର ଅପରାହ୍ନ ପ୍ରାୟ ୨ଟାରେ ଦୁର୍ଯ୍ୟୋଧନଙ୍କ ଘର ବାରିପଟେ ଥିବା ପାଇଖାନାକୁ ତାଙ୍କ ପଡୋଶୀ ସୁବାସ ଭାଙ୍ଗିଦେବାରୁ ଉଭୟ ପରିବାରଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଉଭୟ ପରିବାର ଲୋକଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଏଥିରେ ନୀଳାଦ୍ରି ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ଦୁର୍ଯ୍ୟୋଧନ ସାହୁ, ସୁଦାମ ସାହୁ, କୃଷ୍ଣ ସାହୁ, ରଶ୍ମିତା ସାହୁ, ସୁବାସ ଚନ୍ଦ୍ର ସାହୁ, ସଞ୍ଜୟ ସାହୁ, ରତ୍ନମାଳା ସାହୁ, ସନ୍ତୋଷ ସାହୁ ଆହାତ ହୋଇଥିଲେ। ସେମାନଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ଉଭୟ ପରିବାର ଲୋକେ ଥାନାରେ ପହଞ୍ଚି ଏତଲା ଦେଇଥିଲେ। ତଦନ୍ତକାରୀ ଅଧିକାରୀ ଏସଆଇ ଜ୍ୟୋତି ରଞ୍ଜନ ବେହେରା ଘଟଣାର ତଦନ୍ତ ଚଳାଇଛନ୍ତି।

### ମୋହନା ବ୍ଲକର ୩ ମଣ୍ଡଳ ସଭାପତିଙ୍କ ନାମ ଘୋଷଣା କଲା ଭାଜପା

ମୋହନା,୨୨।୧(ମନ୍ମଥ ମିଶ୍ର)ଗଜପତି ଜିଲା ମୋହନା ବ୍ଲକର ୩ଟି ମଣ୍ଡଳ ଅଡ଼ବା, ମୋହନା, ଚନ୍ଦ୍ରଗିରିର ମଣ୍ଡଳ ସଭାପତି ଓ ଜିଲା ପ୍ରତିନିଧି ଜିଲା ଭାଜପା କାର୍ଯ୍ୟାଳୟଠାରେ ମଙ୍ଗଳବାର ଘୋଷଣା କରାଯାଇଛି । ଜିଲା ରିଟର୍ନିଂ ଅଫିସର ଭାବେ କାଳିରାମ ମାଝୀ, ପୂର୍ବତନ ବିଧାୟକ ନାରାୟଣ ରାଓ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର ବେହେରା, ଜିଲା କାର୍ଯ୍ୟକାରୀ ସଭାପତି ଶିବରାମ ସୁଆର ଉପସ୍ଥିତ ରହି ଜିଲାର ମନୋନୀତ ମଣ୍ଡଳ ସଭାପତିମାନଙ୍କ ନାମ ଘୋଷଣା କରଥିଲେ। ସେଥିରୁ ମୋହନା ମଣ୍ଡଳର ସଭାପତି ନୀଳାଞ୍ଚଳ ସାହୁ, ଅଡ଼ବାମଣ୍ଡଳର ସିଏଚ ରାଜେନ୍ଦ୍ର ପାତ୍ର, ଚନ୍ଦ୍ରଗିରି ମଣ୍ଡଳର ତପନ ନାୟକଙ୍କୁ ମଣ୍ଡଳ ସଭାପତି ଭାବେ ମନୋନୀତ କରାଯାଇଥିବା ଘୋଷଣା କରାଯାଇଛି।

# ଭଉଣୀଙ୍କୁ ହତ୍ୟା ଘଟଣା, ୨ ବଡ଼ଭାଇ ଗିରଫ

ଆସିକା,୨୨।୧(ସୁରେନ୍ଦ୍ର ନାଥ ସାହୁ): ଆସିକା ଥାନା ଗୁଣ୍ଡପଡା ପଞ୍ଚାୟତ ଅନ୍ତର୍ଗତ ରାଇପଲ୍ଲୀ ଗ୍ରାମରେ ଗତ ଗୁରୁବାର ସେହି ଗ୍ରାମର ଲକ୍ଷ୍ମୀ ମହାନ୍ତି (୩୫)ଙ୍କୁ ଗଳାକାଟି ମୁଣ୍ଡରେ ଶିଳପୁଆ ଛେଚି ନିର୍ମମ ଭାବେ ହତ୍ୟା କାରଯାଇଥିଲା । ବୁଧବାର ଏହି ମାମଲାର ଅଭିଯୁକ୍ତ ଲକ୍ଷ୍ମୀଙ୍କ ୨ ବଡଭାଇ ଅନନ୍ତ ପାତ୍ର (୫୧) ଓ ବାବାଜୀ ପାତ୍ର (୪୫)ଙ୍କୁ ପୋଲିସ ଗିରଫ କରିଛି । ଘଟଣା ଘଟାଇ ଫେରାର ହୋଇଯାଇଥିବା ବାବାଜୀଙ୍କୁ ମାମଲାର ତଦନ୍ତ ଅଧିକାରୀ ଜ୍ଞାନରଞ୍ଜନ ସେଠୀ ସୁରଟରୁ ମଙ୍ଗଳବାର ଗିରଫ କରି ଆଣିଥିଲେ । ବୁଧବାର ଗ୍ରାମରେ ରହୁଥିବା ଅନ୍ୟଜଣେ ଭାଇ ଅନନ୍ତକୁ ଗିରଫ କରାଯାଇଥିଲା । ଉଭୟ ଅଭିଯୁକ୍ତଙ୍କୁ ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ ସୂଚନା ଦେଇଛନ୍ତି ।

ଶାଶୁ ଘରେ ଅଶାନ୍ତିରୁ ନିଜର ୧୦ବର୍ଷ ପୁଅ ସହ ବାପଘର ରାଇପଲ୍ଲୀକୁ ଆସି ରହୁଥିବା ଲକ୍ଷ୍ମୀଙ୍କ ଉପରେ ଅଭିଯୁକ୍ତଙ୍କ ଜଣେ ପୁତୁରାର ହତ୍ୟା ଘଟଣାରେ



ଗିରଫ ୨ ଅଭିଯୁକ୍ତ।

ସଂପୃକ୍ତି ନେଇ ସନ୍ଦେହ ରହିଥିଲା। ଅଭିଯୁକ୍ତଙ୍କ ଅନ୍ୟ ଜଣେ ଭାଇର ନିଖୋଜ ନେଇ ମଧ୍ୟ ଲକ୍ଷ୍ମୀ ଭାଇମାନଙ୍କ ସନ୍ଦେହରେ ଥିଲେ । ଏହାଛଡା ଭଉଣୀର କାର୍ଯ୍ୟକଳାପରେ ଅତିଷ୍ଟ ହୋଇ ଓ ପାରିବାରିକ ଅଶାନ୍ତିକୁ ଦୂରେଇବା ଲାଗି ଦୁଇ ଭାଇ ଲକ୍ଷ୍ମୀଙ୍କୁ ପ୍ରାଣରେ ମାରିଦେବା ଲାଗି ନିଷ୍ପତ୍ତି ନେଇଥିବା ପୋଲିସ ନିକଟରେ ସ୍ୱୀକାର କରିଥିବା କୁହାଯାଇଛି। ହତ୍ୟା ଘଟଣା ଦିନ ଘଟଣାସ୍ଥଳରୁ ପୋଲିସ ହତ୍ୟାକାଣ୍ଡରେ ବ୍ୟବହୃତ ଛୁରି, ଶିଳପୁଆ ଓ ଅଭିଯୁକ୍ତଙ୍କ ଚପଲ ଜବତ କରିଥିଲା। ଅଭିଯୁକ୍ତଙ୍କୁ ଗିରଫ ପରେ ସେମାନଙ୍କ ନିକଟରୁ ଲକ୍ଷ୍ମୀଙ୍କ ମୋବାଇଲ ଓ ରକ୍ତଭିଜା ଲୁଗାପଟା ପୋଲିସ ଜବତ କରିଛି। ଅଭିଯୁକ୍ତଙ୍କ ବିରୋଧରେ ଆସିକା ଥାନାରେ ୪୨/୨୫ରେ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ପଟ୍ଟନାୟକ ସୂଚନା ଦେଇଛନ୍ତି ।

# ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ତୁମୁଡ଼ିବନ୍ଧ,୨୨।୧(ଦୀପକ ପରାସେଠ)

ତୁମୁଡିବନ୍ଧ ବ୍ଲକ ବେଲଘର ପଞ୍ଚାୟତ ରାଙ୍ଗପାରୁ ସ୍ଥିତ ଅନୁସୂଚିତ ଜାତି ଓ ଜନ ଜାତି ଉନ୍ନୟନ ବିଭାଗର ବାଳିକା ଉଚ୍ଚ ବିଦ୍ୟାଳୟରେ ବୁଧବାର ପୂର୍ବାହ୍ନ ୧୧ଟା ବେଳେ ବାର୍ଷିକ ଉତ୍ସବ ପାଳିତ ହୋଇଛି। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲିଙ୍ଗରାଜ ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ତୁମୁଡ଼ିବନ୍ଧ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ମାଝି, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବୃନ୍ଦାବନ ମହାପାତ୍ର, ସମ୍ମାନିତ ଅତିଥି ଭାବେ ତୁମୁଡିବନ୍ଧ ବିଡ଼ିଓ ବନ ବିହାରୀ ହରପାଲ, ତୁମୁଡିବନ୍ଧ ଜିଲା ପରିଷଦ ସଭ୍ୟ ନବୀନ ପାତ୍ର, ତୁମୁଡ଼ିବନ୍ଧ ଗୋଷ୍ଠୀ ଶିକ୍ଷାଧିକାରୀ ପବିତ୍ର ଗଡ଼ତ୍ୟା, ବେଲଘର ସରପଞ୍ଚ ଗୋବିନ୍ଦ ମାଝି, ବେଲଘର ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଶାଖା ପରିଚାଳକ ରାଜେଶ କୁମାର ପଣ୍ଡା, ସିର୍ଲା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୀତ ସାହୁ, କୁର୍ତ୍ତୁମ ଗଡ଼ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାଜ ବନ୍ଧୁ ବାରିକ, ଧୁଡୁଷି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରତ୍ୟୁଷ ବଡ଼ ସେଠ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟରେ ବିଭିନ୍ନ ଖେଳ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା।

# ଦାରିଙ୍ଗବାଡ଼ିରେ ଚକ୍ଷୁ ଚିକିତ୍ସା ଶିବିର

## ୩୦୮ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା

ଦାରିଙ୍ଗବାଡ଼ି, ୨୨।୧ (ଅରୁଣ ସାହୁ)

ଦାରିଙ୍ଗବାଡ଼ିରେ ବ୍ଲକସ୍ତରୀୟ ଚକ୍ଷୁ ଚିକିତ୍ସା ଶିବିର ବୁଧବାର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ରାପଡ଼ାବାଡ଼ି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ଦୁଇ ଶିବିରରେ ପ୍ରଥମରୁ ଦଶମ ୩୦୮ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଛି। ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ୧୫୨ଜଣଙ୍କ ମଧ୍ୟରୁ ୫୭ ଜଣଙ୍କୁ ଚଷମା ପ୍ରଦାନ କରାଯାଇଥିବା ବେଳେ ୬ ଜଣଙ୍କୁ ଅଧିକା ଚିକିତ୍ସା ପାଇଁ ଅନ୍ୟତ୍ର ଯିବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି। ସେହିପରି ରାପଡ଼ାବାଡି




ବିଦ୍ୟାଳୟରେ ଚାଲିଥିବା ଶିବିରରେ ୧୫୬ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇ ୩୭ ଜଣଙ୍କୁ ଚଷମା ପ୍ରଦାନ କରାଯିବା ସହ ଜଣଙ୍କୁ ଅନ୍ୟତ୍ର ଅଧିକା ଚିକିତ୍ସା ପାଇଁ ଡାକ୍ତର ପଠାଇଛନ୍ତି। ଶିବିରକୁ ଗୋଷ୍ଠୀ ସମ୍ବଳ ଶିକ୍ଷକ ମାନସ ଷଡ଼ଙ୍ଗୀ, ରଶ୍ମିତା ଷଡ଼ଙ୍ଗୀ ପରିଚାଳନା କରିଥିଲେ। ସୁବାଶିଷ ପଣ୍ଡା, ସନ୍ତୋଷ ବରାଡ଼, ଜି. ଚକ୍ରବର୍ତ୍ତୀ, ଅର୍ଚ୍ଚନା ସ୍ୱାଇଁ ପ୍ରମୁଖ ଚକ୍ଷୁ ପରୀକ୍ଷା କରିଥିଲେ।

### ୨ ସ୍ୱାସ୍ଥ୍ୟକେନ୍ଦ୍ର ଭିତ୍ତିଭୂମି ଯାଞ୍ଚ କଲେ ସିଡିଏମ୍‌ଓ

ଛତ୍ରପୁର,୨୨।୧(ଦିଲ୍ଲୀପ ସାମଲ): ଛତ୍ରପୁର ବ୍ଲକ ଅନ୍ତର୍ଗତ ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ସୁନ୍ଦରପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଦ୍ୱିତୀୟ ପର୍ଯ୍ୟାୟରେ ମୋ ହସ୍ପିଟାଲ ପାଇଁ ଚିହ୍ନଟ କରାଯାଇଛି । ତେଣୁ ଏହି ୨ ସ୍ୱାସ୍ଥ୍ୟକେନ୍ଦ୍ରକୁ ବୁଧବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ବିଜୟ କୁମାର ପଣ୍ଡା ଗସ୍ତ କରି ଭିତ୍ତିଭୂମି ଯାଞ୍ଚ କରିଛନ୍ତି । ମୋ ହସ୍ପିଟାଲ ପାଇଁ ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୨ କୋଟି ୯୨ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିବା ବେଳେ ସୁନ୍ଦରପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ୬୫ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି । ସମସ୍ତ କାର୍ଯ୍ୟ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଶେଷ କରିବାକୁ ସିଡିଏମ୍‌ଓ ନିର୍ଦ୍ଦେଶ ଦେଇଛନ୍ତି। ସୁନ୍ଦରପୁରରେ ଡାକ୍ତର ନ ଥିବାରୁ ସେ ବିରକ୍ତି ପ୍ରକାଶ କରିଥିଲେ । ପରେ ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କୋଠା ବୁଲି ଦେଖିଥିଲେ । ଗସ୍ତ ବେଳେ ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ସ୍ୱାଧୀନ ରଥ, ଡାକ୍ତର ଅଜିତ କୁମାର ପାତ୍ର, ବିପିଏମ ସିମାଞ୍ଚଳ ପ୍ରଧାନ, ଜନ ସାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ବରୁଣ ପାଣିଗ୍ରାହୀ, ବ୍ଲକ ଆକାଉଣ୍ଟ ମ୍ୟାନେଜର ଦେବାଶିଷ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ବ୍ଲକ ସ୍ତରୀୟ ଜାତୀୟ ବାଳିକା ଦିବସ ପାଳିତ

ଆସିକା,୨୨।୧(ସୁରେନ୍ଦ୍ର ନାଥ ସାହୁ)

ଆସିକା ଏନଏସିର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ସାଢେ ୧୦ଟାରେ ବ୍ଲକ ସ୍ତରୀୟ ଜାତୀୟ ବାଳିକା ଦିବସ ପାଳିତ ହୋଇଥିଲା । ଗୋଷ୍ଠି ଶିକ୍ଷାଧିକାରୀ ମୁନ ରାଣୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷୟିତ୍ରୀ ମିନତି କୁମାରୀ ପାତ୍ର, ଅତିରିକ୍ତ ଗୋଷ୍ଠି ଶିକ୍ଷାଧିକାରୀ ଭଞ୍ଜ ବେହେରା, ସିଆରସିସି ହରବିନ୍ଧୁ ମହାନ୍ତି, ଶିଶିର ବେହେରା, ସିଲା ଦୋରା, ଅର୍ଚ୍ଚନା ବେହେରା, ସୌଦାମିନି ହୋତା, ଶିକ୍ଷକ ଶିବଶଙ୍କର ଜେନା ପ୍ରମୁଖ ଯୋଗଦେଇଥିଲେ । ସାମଗ୍ରିକ କ୍ଷେତ୍ରରେ ବାଳିକାମାନଙ୍କୁ ସବୁ କ୍ଷେତ୍ରରେ ସହଭାଗିତାର ସୁଯୋଗ ପ୍ରଦାନ ଉପରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଏଥିସହ ବାଳିକାମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିଷ୍କାର ପରିଚ୍ଛନ୍ନତା ଉପରେ ସମସ୍ତ ଯତ୍ନବାନ ହେବା ଲାଗି ଆହ୍ୱାନ ଦିଆଯାଇଥିଲା । ବାଳିକା ଦିବସ ଉପଲକ୍ଷେ ଅନୁଷ୍ଠିତ ଚିତ୍ରାଙ୍କନ, ପ୍ରବନ୍ଧ, ସ୍ଲୋଗାନ ଆଦି ପ୍ରତିଯୋଗିତାର କୃତି ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।

### ଇତିହାସ ବିଭାଗର ପାଠଚକ୍ର

ଚିକିଟି,୨୨।୧(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ବ୍ଲକ ଅନ୍ତର୍ଗତ ନୂଆପଡା ଗ୍ରାମସ୍ଥିତ ଶ୍ରୀବାଲାଜୀ ମହାବିଦ୍ୟାଳୟ ପରିସରରେ ରାଜ୍ୟସ୍ତରୀୟ ପାଠ୍ୟଚକ୍ର ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼କ୍ଟର ସୁଦର୍ଶନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ପାଠଚକ୍ରରେ ମୁଖ୍ୟ ଅତିଥିଭାବେ ଖୋଲିକୋଟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ଼କ୍ଟର ମନ୍ମଥ ପାଢ଼ୀ, ସମ୍ମାନିତ ଅତିଥି ଭାବେ ଅକୁଳାନନ୍ଦ ପାଢ଼ୀ, ଇତିହାସ ବିଭାଗର ଅଧ୍ୟାପିକା ତୃପ୍ତିମୟୀ ପ୍ରଧାନ, ମୁଖ୍ୟବକ୍ତା ଭାବେ ଡ଼କ୍ଟର ହରିହର ପଣ୍ଡା ଯୋଗଦେଇ ସ୍ୱତନ୍ତ୍ର ଓଡିଶା ଗଠନରେ ମହାରାଜା କୃଷ୍ଣ ଚନ୍ଦ୍ର ଗଜପତିଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଇତିହାସ ବିଭାଗର ଅଧ୍ୟାପକ ସରୋଜ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଇତିହାସ ବିଭାଗର ତ୍ରିପତି ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଓ ଅଧ୍ୟାପକ ଉପସ୍ଥିତ ରହି ପରିଚାଳନା କରିଥିଲେ।

# ବେଟି ବଚାଓ, ବେଟି ପଢ଼ାଓ କାର୍ଯ୍ୟକ୍ରମ



ଛାତ୍ରୀମାନେ ରାଲିରେ ବାହାରୁଛନ୍ତି ।

ଫୁଲବାଣୀ,୨୨।୧(ରାକେଶ ରାଉତ) ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବୁଧବାର ବେଟି ବଚାଓ, ବେଟି ପଢ଼ାଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶପଥ ପାଠ ସହ ସାଇକେଲ ରାଲି ହୋଇଥିଲା। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ଅଶୋକ ଭୋଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ସମାଜ ମଙ୍ଗଳ ଅଧିକାରୀ ବିଜୟଲକ୍ଷ୍ମୀ ବେହେରା, ସିଡବ୍ଲ୍ୟୁସି ଅଧ୍ୟକ୍ଷ ରଜତ ଦିଗାଲ ପ୍ରମୁଖ ଯୋଗଦେଇ ଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମୀତା କରଣ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସନ୍ଧ୍ୟାରାଣୀ ନାୟକ ଉପସ୍ଥିତ ଛାତ୍ରୀମାନଙ୍କୁ ଶପଥ ପାଠ କରାଇଥିଲେ। ଏଜେଓ ଉଚ୍ଚ ବିଦ୍ୟାଳୟର ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରୀ ଅଂଶଗ୍ରହଣ କରିଥିଲେ ।

# ଶିଶୁ ମନ୍ଦିର ବାର୍ଷିକୋତ୍ସବରେ ଯୋଗ ଦେଲେ ଏମ୍‌ପି



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ଜି.ଉଦୟଗିରି,୨୨।୧(ଚିନ୍ମୟ କୁମାର ସେଠୀ) ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରେ ଚତୁତ୍ରିଂଶତମ ବାର୍ଷିକ ଉତ୍ସବ ବିଦ୍ୟା ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବୁଧବାର ସନ୍ଧ୍ୟା ପ୍ରାୟ ୫.୧୫ ମିନିଟ ସମୟରେ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକନକୋତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କନ୍ଧମାଳ ଏମ୍‌ପି ସୁକାନ୍ତ ପାଣିଗ୍ରାହୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ପରିଷଦ ଅଧ୍ୟକ୍ଷା ଦେବସ୍ମିତା ଶତପଥୀ, ମୁଖ୍ୟ ବକ୍ତା ଭାବେ ଏଏମ୍‌ସିଏସ୍ କଲେଜ ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତି, ବିଦ୍ୟା ମନ୍ଦିର ସଭାପତି ବିନୋଦ ବିହାରୀ ଦାସ, ସମ୍ପାଦକ ଶିବରାମ ସାହୁ ଯୋଗ ଦେଇଥିଲେ। ପ୍ରଧାନାଚାର୍ଯ୍ୟ ମାଧବାନନ୍ଦ ଦାଶ, କୁନିକୁନି ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ମାନଙ୍କ ଦ୍ୱାରା ମୁଖ୍ୟ ଅତିଥି ଓ ଅନ୍ଯ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହା ପୂର୍ବରୁ ୪.୧୫ ମିନିଟ ସମୟରେ ଏମପି ସ୍ଥାନୀୟ ବ୍ଲକ ଗ୍ରେସିଙ୍ଗିଆ ଠାରେ ଖେଳ ପ୍ରତିଯୋଗିତାରେ ଅତିଥି ଭାବେ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

# ଆଠଗଡ କବିସୂର୍ଯ୍ୟଙ୍କ ପ୍ରକୃତ ଜନ୍ମସ୍ଥାନ : ଅଷ୍ଟଦୁର୍ଗ ଉନ୍ନୟନ ପରିଷଦ



କବିସୂର୍ଯ୍ୟନଗର,୨୨।୧(କୃପାସିନ୍ଧୁ ସ୍ୱାଇଁ): କବିସୂର୍ଯ୍ୟ ସାହିତ୍ୟ ସଂସଦ ଓ ଅଷ୍ଟଦୁର୍ଗ ଉନ୍ନୟନ ପରିଷଦ ଆନୁକୂଲ୍ୟରେ ଆଠଗଡପାଟଣା କବିସୂର୍ଯ୍ୟ ପୀଠଠାରେ ସାହିତ୍ୟିକ ସୁରେଶ ଚନ୍ଦ୍ର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନା ଚକ୍ର 'ଧନ୍ୟରଥ ତୁମ୍ଭେ, ଜନ୍ମ ଶୁଭକ୍ଷଣେ' ଅନୁଷ୍ଠିତ ହୋଇଯାଇଛି । କବିସୂର୍ଯ୍ୟଙ୍କ ଜନ୍ମସ୍ଥାନ ସମ୍ପର୍କରେ କୌଣସି ପ୍ରମାଣ ସର୍ବସାଧାରଣରେ ଦେବା ଉଚିତ ନୁହେଁ । କିନ୍ତୁ ପ୍ରଶାସନ ବା ସରକାରଙ୍କ ଠାରେ ସବୁ ନଥିପତ୍ର ସହ ପ୍ରମାଣ ଦେବାକୁ ଅଷ୍ଟଦୁର୍ଗ ଉନ୍ନୟନ ପରିଷଦ ବଦ୍ଧପରିକର। କବିସୂର୍ଯ୍ୟ ନାମରେ ନାମିତ ସହର କବିସୂର୍ଯ୍ୟନଗର ଓ କବିସୂର୍ଯ୍ୟ ସ୍ମୃତି ସଂସଦ, କବିସୂର୍ଯ୍ୟ ପ୍ରତିଭା ପରିଷଦ, କବିସୂର୍ଯ୍ୟ ଗ୍ରନ୍ଥାଗାର, କବିସୂର୍ଯ୍ୟ ଆଠଗଡ଼ପାଟଣା ଆଦି ସଂଗଠନ ରହିଛି ଏବଂ ଅନେକ ପତ୍ରପତ୍ରିକା ଏଠାରୁ ହିଁ ପ୍ରକାଶିତ। ତେଣୁ କବିସୂର୍ଯ୍ୟଙ୍କୁ ବିବାଦ ମଧ୍ୟକୁ ଟାଣି ତାଙ୍କର ଅସମ୍ମାନ କରିବା ଉଚିତ ନୁହେଁ ବୋଲି ସଭାରେ ମତ ମତ ପ୍ରକାଶ ପାଇଛି। କବିସୂର୍ଯ୍ୟଙ୍କ ଜନ୍ମସ୍ଥାନ, କର୍ମସ୍ଥାନ, ସାଧନ ସ୍ଥାନ ଏହି ଅଷ୍ଟଦୁର୍ଗ ଆଠଗଡପାଟଣା। ଏଠାରେ ତାଙ୍କର ମହାପ୍ରୟାଣର ସମାଧି ହୋଇଛି ବୋଲି କୁହାଯାଇଛି। ଆଲୋଚନା ଚକ୍ରରେ ଜଗବନ୍ଧୁ ଭୋଇ, ନନ୍ଦ କିଶୋର ପ୍ରଧାନ, ଆଦିତ୍ୟନାଥ ତ୍ରିପାଠୀ, ଗୋଦାବରୀ ସାଥୁଆ, ସୁଶାନ୍ତ କୁମାର ସାହୁ, ସିମାଞ୍ଚଳ ମିଶ୍ର, ଧରିଣୀଧର ବେହେରା, ମୀରାବାଈ ଦେଓ, ପବିତ୍ର ନାୟକ, ଗଜାନନ ତ୍ରିପାଠୀ, ସନନ୍ଦ ପଣ୍ଡା, ବୃନ୍ଦାବନ ନାୟକ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ସୁରେନ୍ଦ୍ର ନାଥ ନାୟକ, କିଶୋର ଚନ୍ଦ୍ର ପଣ୍ଡା, କୃଷ୍ଣଚନ୍ଦ୍ର ପଣ୍ଡା, ଲକ୍ଷ୍ମୀନାରାୟଣ ପାଇକରାୟ, ବହୁ ଶିକ୍ଷାବିତ, ସାହିତ୍ୟିକ, ଐତିହାସିକ, ଲେଖକ, ପ୍ରାବନ୍ଧିକ, ସାମ୍ବାଦିକ ଯୋଗ ଦେଇଥିଲେ।

# ସ୍ତ୍ରୀ ମୃତ୍ୟୁର ତଦନ୍ତ କରୁନି ପୋଲିସ, ସ୍ୱାମୀଙ୍କ ଧାରଣା

ଫୁଲବାଣୀ,୨୨।୧(ରାକେଶ କୁମାର ରାଉତ) ଦୀର୍ଘ ୬ ମାସ ହେଲା ମୋ ସ୍ତ୍ରୀ ମରି ଗଲାଣି । ତାକୁ ହତ୍ୟା କରାଯାଇଛି । ନିଜ ପ୍ରେମିକ ଏବଂ ତାଙ୍କ ୩ ସହଯୋଗୀ ମିଶି ମୋ ସ୍ତ୍ରୀକୁ ବଳାତ୍କାର କରିବା ପରେ ହତ୍ୟା କରିଛନ୍ତି। କିଛି ବଳିଷ୍ଠ ପ୍ରମାଣ ପୋଲିସକୁ ଦେଲା ପରେ ମଧ୍ୟ କିଛି ଶୁଣୁ ନାହାନ୍ତି। ଓଲଟି ସ୍ତ୍ରୀ ଆତ୍ମହତ୍ୟା କରିଛି ବୋଲି ପୋଲିସ କହୁଛି । ଏଠି ପୋଲିସ ନ୍ୟାୟ ବଦଳରେ ଅନ୍ୟାୟ କରୁଛି । ମୋତେ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବି ବୋଲି ସ୍ୱାମୀ ରଞ୍ଜିତ ବେହେରା କହିଛନ୍ତି।

ଫୁଲବାଣୀ ସଦର ଥାନା ବିଶିପଡ଼ା ପାଖ ଆଶ୍ରିସାହି ଗ୍ରାମର ରଞ୍ଜିତଙ୍କ ସ୍ତ୍ରୀ ହେଉଛନ୍ତି ଦେବସ୍ମିତା। ରଞ୍ଜିତଙ୍କ ପଡୋଶୀ ଭାଉଜ ଏବଂ ଭାଇ ମିଶି




ଧାରଣାରତ ରଞ୍ଜିତ ବେହେରା ।

ଉଭୟଙ୍କ ସମ୍ପର୍କରେ ଫାଟ ସୃଷ୍ଟି କରିଥିଲେ। ପ୍ରକାରନ୍ତରେ ସମ୍ପୃକ୍ତ ଭାଉଜ ଜଣକ ତାଙ୍କ ମାଉସୀ ପୁଅ ସହ ଦେବସ୍ମିତାଙ୍କୁ ପରିଚିତ କରାଇଥିଲେ। କ୍ରମଶଃ ଉଭୟଙ୍କ ମଧ୍ୟରେ ସବୁ ସମ୍ପର୍କ ଗଢ଼ି ଉଠିଥିଲା। ଏ କଥା ସ୍ୱାମୀ ରଞ୍ଜିତ ବି ଜାଣିଥିଲେ। ହେଲେ ଗତ ୨୦୨୪ ଅଗଷ୍ଟ ୪ରେ ଖଜୁରିପଡ଼ା ଥାନା ମାରେଲିଗାଁ ଜଙ୍ଗଲ ନିକଟରେ ଏକ ମହୁଲ ଗଛ ଡାଳରେ ଦେବସ୍ମିତାଙ୍କ ଝୁଲନ୍ତା ମୃତ ଦେହ ଦେଖିବାକୁ ମିଳିଥିଲା। ଏନେଇ ମୃତକଙ୍କ ଭାଇ ଦେବାଶିଷ ଖଜୁରିପଡ଼ା ଥାନାରେ ଏତଲା ଦେଇଥିଲେ। ପୋଲିସ ୧୮/୨୪ରେ ମାମଲା ରୁଜୁ କରିଥିଲା। ହେଲେ ଏ ପର୍ଯ୍ୟନ୍ତ ପୋଲିସ ଏହି ଘଟଣାକୁ ଆତ୍ମହତ୍ୟା ରୂପ ଦେଇ ଆସୁଛି।

ମୋ ପାଖରେ ସମସ୍ତ ବଳିଷ୍ଠ ପ୍ରମାଣ ରହିଛି । ହେଲେ ପୋଲିସ ସେମାନଙ୍କୁ ଗିରଫ କରିବା ପରିବର୍ତ୍ତେ ସହଯୋଗ କରୁଛି। ମୋତେ ଫୁଲବାଣୀ ଏସ୍‌ଡିପିଓ ଡାକି କହିଲେ କି ଏସ୍‌ପି ଡାକୁଛନ୍ତି । ମୁଁ ତାଙ୍କ ସହ ଏସ୍‌ପିଙ୍କ ପାଖକୁ ଯାଇଥିଲି । ଆସନ୍ତା ୩୦ ତାରିଖ ଦିନ ମୋତେ ନ୍ୟାୟ ମିଳିବ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେଇଛନ୍ତି । ଯଦି ନ୍ୟାୟ ନ ମିଳିଲା ପୁଣି ଧାରଣାରେ ବସିବି ବୋଲି ରଞ୍ଜିତ କହିଛନ୍ତି।

# ବର୍ଷେ ବିତିଲା, ହେଲାନି ଉପନିର୍ବାଚନ

ପାରଳାଖେମୁଣ୍ଡି,୨୨।୧
(ଗିରିଧାରୀ ପରିଛା)

- ୬ନଂ. ୱାର୍ଡ କାଉନସିଲରଙ୍କ ପରଲୋକ ପରେ ଖାଲିପଡିଛି
- ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି ୱାର୍ଡବାସୀ
- ନିର୍ବାଚନ ଆୟୋଗଙ୍କୁ ଅବଗତ କରିଛୁ: ଜିଲାପାଳ

ପାରଳାଖେମୁଣ୍ଡି ପୌର ପରିଷଦର ୬ ନମ୍ବର ୱାର୍ଡର କାଉନସିଲର୍ ପଦବୀ ଏକ ବର୍ଷରୁ ଊର୍ଦ୍ଧ୍ୱ ହେଲା ଖାଲି ପଡିଛି। ଏହି ୱାର୍ଡରୁ ବିଜେଡିର ଜି.ଭେଙ୍କଟରାବଣା ଗତ ପୌର ନିର୍ବାଚନରେ କାଉନସିଲର୍ ଭାବେ ନିର୍ବାଚିତ ହୋଇଥିଲେ। ମାତ୍ର ଗତବର୍ଷ ଡିସେମ୍ବର ୨୦୨୩ରେ ତାଙ୍କର ପରଲୋକ ହୋଇଥିଲା। ସେବେଠାରୁ ଏହି ୱାର୍ଡର କାଉନସିଲର୍ ପଦବୀ ଖାଲିପଡିଛି। ନିୟମାନୁଯାୟୀ କୌଣସି ନିର୍ବାଚିତ ପ୍ରତିନିଧିଙ୍କ ମୃତ୍ୟୁ ହେଉ କିମ୍ବା ଅନ୍ୟ କୌଣସି କାରଣରୁ ପଦବୀ ଖାଲି ପଡିଲେ ୬ ମାସ ମଧ୍ୟରେ ଉପନିର୍ବାଚନ ହେବା ନିୟମ ରହିଛି। ଏ ସମ୍ପର୍କରେ ପୌର ନିର୍ବାଚନ ଅଧିକାରୀ ଓ ଜିଲା ନିର୍ବାଚନ ଅଧିକାରୀ ଗୁରୁତ୍ୱ ଦେବା କଥା। ସେ କ୍ଷେତ୍ରରେ ଗଜପତି ଜିଲାର ପାରଳାଖେମୁଣ୍ଡି ପୌର ଓ ଜିଲା ପ୍ରଶାସନ କ୍ଷେତ୍ରରେ ବ୍ୟତିକ୍ରମ ଘଟିଛି। ଏନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ୱାର୍ଡରେ ପ୍ରାୟ ୬୦୦ ପରିବାର ବସବାସ କରୁଥିବା ବେଳେ ପ୍ରାୟ ୨୬୦୦ ଭୋଟର ରହିଛନ୍ତି। କାଉନସିଲରଙ୍କ ଦେହାନ୍ତ ପରେ ୱାର୍ଡର ସର୍ବନିମ୍ନ କାର୍ଯ୍ୟ ସଫେଇ କିମ୍ବା ପରିମଳ ବ୍ୟବସ୍ଥାରେ ମଧ୍ୟ ସୁଧାର ଆସିପାରୁନାହିଁ। ସରକାରଙ୍କ ବିଭିନ୍ନ ଯୋଜନାରୁ ସୁଫଳ ପାଇବା ତ ଦୂରର କଥା ଯୋଜନା ବିଷୟରେ ସୂଚନା ମଧ୍ୟ ଆମେ ପାଇପାରୁନୁ ବୋଲି ଅଭିଯୋଗ କରିଛନ୍ତି ୱାର୍ଡବାସୀ। ସମସ୍ୟା ସମ୍ପର୍କରେ ସେମାନେ ପୌରାପାଳିକାକୁ ଅବଗତ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏନେଇ ଜିଲାପାଳ ବିଜୟ କୁମାର ଦାସଙ୍କୁ ପଚାରିବାରୁ ସେ କହିଲେ, ନିୟମ ଅନୁସାରେ ୬ ନମ୍ବର ୱାର୍ଡର କାଉନସିଲର ପଦବୀ ଖାଲି ପଡିଥିବା ସମ୍ପର୍କରେ ରାଜ୍ୟ ନିର୍ବାଚନ ଆୟୋଗଙ୍କୁ ଅବଗତ କରାଯାଇଛି। ସେଠାରୁ ଯାହା ନିର୍ଦ୍ଦେଶ ଆସିବ ଆମେ ତାକୁ କାର୍ଯ୍ୟକାରୀ କରିବୁ।

## ସଂକ୍ଷେପରେ

### ଡାଲା ଅଟୋ ଓଲଟି ୨୦ ଆହତ

ଶେରଗଡ଼,୨୨।୧
(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ଼ ବ୍ଲକ କୃପାସିନ୍ଧୁପୁରକୁ ସଂଯୋଗ କରୁଥିବା ରାସ୍ତାରେ ବୁଧବାର ୧୨ଟା ବେଳେ ଏକ ଡାଲା ଅଟୋ (ଓଡି ୦ ଏଭି ୯୭୦୦) ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ଅଟୋରେ ବସିଥିବା ୨୦ରୁ ଅଧିକ ମହିଳା ଶ୍ରମିକ ଆହତ ହୋଇଥିଲେ। ସେହି ରାସ୍ତା ଦେଇ ଯାଉଥିବା ଲୋକମାନେ ୧୦୮କୁ ଖବର ଦେବା ପରେ ସମସ୍ତଙ୍କୁ ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସମସ୍ତଙ୍କ ଅବସ୍ଥା ଠିକ୍ ଥିବା ଡାକ୍ତରଖାନା ସୂତ୍ରରୁ ପ୍ରକାଶ କରାଯାଇଛି। ଏହି ଦୁର୍ଘଟଣାରେ କେହି ମୃତାହତ ହୋଇନାହାନ୍ତି।

### ସିଦ୍ଧ ମହାବୀରଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବାଲିପଦର,୨୨।୧(ବିଶିକେଶନ ସ୍ୱାଇଁ):

କଳମ୍ବ ଛକସ୍ଥିତ ସୁନାକେରା ମାଲ୍ୟବନ୍ତ ଗିରି ଶିଖରଠାରେ ନବ ନିର୍ମିତ ସିଦ୍ଧ ମହାବୀରଙ୍କ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ମଙ୍ଗଳବାର କଳସ ଯାତ୍ରା ସହ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଛି। ୨୫ ତାରିଖ ଯାଏ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମ ମୁଖ୍ୟ ପୁରୋହିତ ସୁକାନ୍ତ କୁମାର ରଥଙ୍କ ପୌରୋହିତ୍ୟରେ ପରିଚାଳିତ ହେଉଛି। ଯଜ୍ଞରେ ମୁଖ୍ୟକର୍ତ୍ତା ଭାବେ ପ୍ରମୋଦ ରଞ୍ଜନ ବିଶ୍ୱାଳ ଏବଂ ବସନ୍ତ କୁମାର ଗୌଡ଼ ଯୋଗଦେଇଛନ୍ତି। କଳସ ଯାତ୍ରାରେ ପ୍ରାୟ ୧୫ ଶହ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଦଶିପୁର ନଇବର ନାଳ ଠାରୁ କଳସ ଯାତ୍ରା ଆରମ୍ଭ ହୋଇ ମାଲ୍ୟବନ୍ତ ଗିରି ମନ୍ଦିରକୁ ଯାଇଥିଲା।

### ନୂତନ ବିଡିଓଙ୍କ ଯୋଗଦାନ

ଖଜୁରିପଡ଼ା,୨୨।୧ (ବିଦୁର ବେହେରା)

ଖଜୁରିପଡ଼ା ବ୍ଲକରେ ନୂତନ ବିଡ଼ିଓ ଭାବେ ଶୁଭ ଦତ୍ତାତ୍ରେୟ ବାହିନୀପତି ଯୋଗ ଦେଇଛନ୍ତି। ବିଡ଼ିଓ ବୁଧବାର ଦିନ ଖଜୁରୀପଡ଼ା ବ୍ଲକକୁ ଯାଇ ଦାୟିତ୍ୱରେ ଥିବା ତହସିଲଦାର ସୌମ୍ୟ ରଞ୍ଜନ ପାତ୍ରଙ୍କୁ ସାକ୍ଷାତ କରି ଦାୟତ୍ୱ ଗ୍ରହଣ କରିଛନ୍ତି। ପରେ ଅପରାହ୍ନ ୩ଟା ବେଳେ ବ୍ଲକର ସମସ୍ତ କର୍ମଚାରୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ କରିଛନ୍ତି। ବିଡ଼ିଓ ଶୁବଦତ୍ତାତ୍ରେୟ ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟରେ ଥିଲେ। ଅନ୍ୟପକ୍ଷରେ ବ୍ଲକରେ ଥିବା ସମସ୍ୟା ଗୁଡ଼ିକ ଯଥା ଶୀଘ୍ର ସମାଧାନ କରାଯିବ ବିଡ଼ିଓ ବୋଲି କହିଛନ୍ତି।

### ବଡି ବିଲ୍‌ଡିଂରେ ଅସିତ୍‌ଙ୍କ ସଫଳତା

ମୋହନା,୨୨।୨ (ମନ୍ମଥ ମିଶ୍ର)

ବଡି ବିଲଡିଂରେ ମୋହନାର ଯୁବକ ଅସିତ ରଞ୍ଜନ ଦତ୍ତଙ୍କ ସଫଳତା। ୧୯ ଜାନୁଆରୀରେ ବଲାଙ୍ଗୀରରେ ଆୟୋଜିତ ଲଳିତ ନାୟକ ମେମୋରିଆଲ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ପ୍ରଥମ ସ୍ଥାନ ଅଧିକାରୀ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏଥି ପୂର୍ବରୁ ୪ ଜାନୁଆରୀରେ କୋଲକାତାରେ ଆୟୋଜିତ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ତାଙ୍କର ଏହି ସଫଳତାରେ ବାପା, ମା, ପରିବାର ଖୁସି ବ୍ୟକ୍ତ କରିବା ସହ ମୋହନାବାସୀ ମଧ୍ୟ ଖୁସି ବ୍ୟକ୍ତ କରିଛନ୍ତି। ମୋହନା ଭଳି ଏକ ଉପାନ୍ତ ଅଞ୍ଚଳରୁ ଜଣେ ଯୁବକ ବଡି ବିଲଡିଂ ପ୍ରତି ଆଗ୍ରହ ପ୍ରକାଶ କରିବା ସହ ସଫଳତାର ପାହାଚ ଚଢ଼ି ଚାଲିଛନ୍ତି। ଆଗକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଅଂଶଗ୍ରହଣ କରି ସଫଳତା ହାସଲ କରିବାପାଇଁ ଆଶା ରଖି କଠିନ ପରିଶ୍ରମ କରୁଥିବା କହିଛନ୍ତି ଅସିତ।

# ୪୮ କିଶୋରୀ ବାଳିକା ସମ୍ମାନିତ

ଛତ୍ରପୁର,୨୨।୧
(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):

ଗଞ୍ଜାମ ଜିଲାପରିଷଦ ଋଷିକୁଲ୍ୟା ସମ୍ମିଳନୀ କକ୍ଷଠାରେ ବେଟି ବଚାଓ ବେଟି ପଢାଓର ଦଶବର୍ଷ ପୂର୍ତ୍ତି ଉପଲକ୍ଷେ ଜିଲାସ୍ତରୀୟ କାର୍ଯକ୍ରମ ଜିଲା ଶିଶୁ ସୁରକ୍ଷା ବିଭାଗ ତରଫରୁ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟି ଯୋଗଦେଇ ପିଲାମାନଙ୍କୁ ସେମାନଙ୍କର ଅଧିକାର ଏବଂ ଭବିଷ୍ୟତ ସୁରକ୍ଷା ସମ୍ପର୍କରେ ବାର୍ତ୍ତା ଦେଇ ଉତ୍ସାହିତ କରିଥିଲେ। ସମାଜରେ ଝିଅମାନେ ହେଉଛନ୍ତି ମୁଖ୍ୟ, ସେମାନଙ୍କୁ ଉପଯୁକ୍ତ ଅଧିକାର ଓ ସୁବିଧା ଦେବା ଆମ ସମସ୍ତଙ୍କର ପ୍ରାଥମିକ ଦାୟିତ୍ୱ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଜିଲାର ପ୍ରତିଟି ବ୍ଲକ ଏବଂ ସହରାଞ୍ଚଳରୁ ବଛାହୋଇ ଆସିଥିବା ୪୮ଜଣ କିଶୋରୀ



କିଶୋରୀ ବାଳିକାଙ୍କୁ ସମ୍ମାନିତ କରାଯାଉଛି।

ବାଳିକାଙ୍କୁ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ଜିଲାସ୍ତରରେ ବେଟି ବଚାଓ ବେଟି ପଢାଓର ଏକ ଶପଥ ପାଠ ଅନୁଷ୍ଠିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁବୋଧ କୁମାର ଷଡଙ୍ଗୀ, ଜିଲା ସମାଜ ମଙ୍ଗଳ ଅଧିକାରୀ ଆବିଦା ପରବୀନ, ଏସଡବ୍ଲ୍ୟୁଓ ପଦ୍ମିନୀ ସାହୁ, ଓମ୍ୟାନ ଆକ୍ଟିଭିଷ୍ଟ ଅଳକା ସାହୁ, ସେଣ୍ଟର ଆଡମିନିଷ୍ଟ୍ରେଟର ଓ୍ୱାନ ଷ୍ଟପ ସେଣ୍ଟର ବ୍ରହ୍ମପୁର, ଡ ପି.ସି.ଗୌଡ ସୁପରିଣ୍ଟେଣ୍ଡେଣ୍ଟ ଉପଖଣ୍ଡ ଚିକିତ୍ସାଳୟ ଛତ୍ରପୁର, ଜିଲା ଶିଶୁ ମଙ୍ଗଳ ସମିତି, ଜୁଭେନାଇଲ ଜଷ୍ଟିସ ବୋର୍ଡ, ଜିଲା ଆଇନ ସେବା ପ୍ରାଧିକରଣର ସଭ୍ୟମାନେ ମଧ୍ୟ ଯୋଗଦେଇ ନିଜର ମତାମତ ଦେଇଥିଲେ । କାର୍ଯ୍ୟକ୍ରମକୁ ଆହ୍ୱାନ ଏଡର ଜିଲା ସଂଯୋଜକ ଦେବବ୍ରତ ମାହୁନ୍ତ ସଞ୍ଚାଳନା କରିଥିବା ବେଳେ ଜିଲା ଶିଶୁ ସୁରକ୍ଷା ବିଭାଗର ସୁଜିତ୍ କୁମାର ସାହୁ, ସୁଦାମ ପାଣିଗ୍ରାହୀ, ଶିବ ରଥ, ସୁଶାନ୍ତ କୁମାର ସାହୁ, ସମରେନ୍ଦ୍ର ଶତପଥୀ ପ୍ରମୁଖ ପରିଚାଳନା କରିଥିଲେ । ଅରୁଣୋଦୟର ପ୍ରକଳ୍ପ ସଂଯୋଜକ ମାର୍କଣ୍ଡ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଜିଲାର ସମସ୍ତ ସିଡିପିଓ ଏବଂ ୨୪ ଜଣ ଅଙ୍ଗନୱାଡି କର୍ମୀ, ୧୦ ଜଣ ଆଶା କର୍ମୀ ମଧ୍ୟ ଯୋଗ ଦେଇଥିଲେ । ଶେଷରେ ବେଟି ବଚାଓ, ବେଟି ପଢାଓର ସଚେତନତା ପାଇଁ ଶୋଭାଯାତ୍ରା ଏବଂ ଦସ୍ତଖତ ଅଭିଯାନ ହୋଇଥିଲା।

## ପାଠ ପଢ଼ି ଭଲ ମଣିଷ ହୁଅ: ମନ୍ତ୍ରୀ ଗୋକୁଳାନନ୍ଦ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ବୁଗୁଡ଼ା,୨୨।୧(କାଳିଚରଣ ଦାଶ):

ବୁଗୁଡା ନିୟୁ ଏରା ପବ୍ଲିକ ସ୍କୁଲର ୨୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ସଭାପତି କାଳୀଚରଣ ଦାଶଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ନିଷ୍ଠାର ସହ ଅଧ୍ୟୟନ କରି ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଇଓ ଚିନ୍ମୟ ମହାପାତ୍ର, ଅଧକ୍ଷ ବୃଷକେତୁ ଦାଶ ଓ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ପ୍ରତିନିଧି କେ.ନୀଳମାଧବ ଆଚାରୀ ଓ ଏନ୍ଏସି ଅଧକ୍ଷ ଚିତ୍ରସେନ ପ୍ରଧାନ, ଉପସଭାପତି ବସନ୍ତ କୁମାର ଦଳେଇ ପ୍ରମୁଖ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ମାର୍ଗ ଦର୍ଶନ କରିଥିଲେ। ଏହି ଅବସରରେ ମନ୍ତ୍ରୀଙ୍କୁ ସ୍କୁଲ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ସହ ପୁରସ୍କୃତ କରାଯାଇଥିଲା। ମନୋଜ କୁମାର ଦାଶ ଅତିଥିଗଣଙ୍କୁ ସ୍ୱାଗତ କରିଥିବା ବେଳେ ଅଧକ୍ଷ ବୃଷକେତୁ ଦାଶ ସ୍ୱାଗତ ଭାଷଣ, ସମ୍ପାଦକ ଅନିଲ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ, ବୈଷ୍ଣବ ଚରଣ ଦାଶ ବାର୍ଷିକ ବିବରଣୀ ପଠନ ଓ ଶେଷରେ ଉପାଧକ୍ଷ ଅନିରୁଦ୍ଧ ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଶିକ୍ଷୟତ୍ରୀ ଶିକ୍ଷକ ଓ କର୍ମଚାରୀ କାର୍ଯକ୍ରମ ପରିଚଳାନାରେ ସହଯୋଗ କରିଥିଲେ।

## ଗଜପତି ଜିଲା: ୪୫ ମଣ୍ଡିରୁ ୭୭ କୁଇଣ୍ଟାଲ ଧାନ କ୍ରୟ

ପାରଳାଖେମୁଣ୍ଡି,୨୨।୧ (ଗିରିଧାରୀ ପରିଛା):

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଓ ଜିଲା ପ୍ରଶାସନର ନିଷ୍ପତ୍ତି କ୍ରମେ ଜିଲା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଚଳିତ ୨୦୨୪-୨୫ ଖରିଫ ବର୍ଷରେ ଗଜପତି ଜିଲାରେ ୪୫ ମଣ୍ଡି ଖୋଲାଯାଇଛି। ଚାଷୀଙ୍କ ଉତ୍ପାଦିତ ଧାନ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଦର ଅନୁସାରେ ଧାନର ସର୍ବନିମ୍ନ ସହାୟତା ମୂଲ୍ୟ କୁଇଣ୍ଟାଲ ପିଛା ୨୩୦୦ ଟଙ୍କା ଉପରେ ୮୦୦ ଟଙ୍କାର ଇନ୍‌ପୁଟ ସହାୟତା ସହିତ ସମୁଦାୟ ୩୧୦୦ଟଙ୍କା ପ୍ରଦାନ କରାଯାଉଛି। ନିକଟସ୍ଥ ପ୍ରାଥମିକ କୃଷି ସମବାୟ ସମିତି କେନ୍ଦ୍ରରୁ ଧାନ କିଣାଯିବା ସହ ଏବେ ସୁଦ୍ଧା ଜିଲାରେ ୭୭ ହଜାର କୁଇଣ୍ଟାଲ ଧାନ କିଣାଯାଇଛି। ଜିଲାରେ ୨ଲକ୍ଷ ୧୨ ହଜାର ୨୧୨ କୁଇଣ୍ଟାଲ ଧାନ କିଣାର ଟାର୍ଗେଟ ବନ୍ଧା ସରିଛି, ଯାହା କି ପ୍ରଥମ ପର୍ଯ୍ୟାୟରେ ୫ ଲକ୍ଷ ୮୯ ହଜାର ୯୮୫ କୁଇଣ୍ଟାଲ ଧାନ କିଣିବାର ଲକ୍ଷ୍ୟ ରଖାଯାଇଛି। ଧାନ କ୍ରୟ କରିବାକୁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବନ୍ଦୋବସ୍ତ କରାଯାଇଛି। ଏଣୁ ଚାଷୀମାନେ ବ୍ୟସ୍ତ ନ ହେବାକୁ ଅନୁରୋଧ କରାଯାଇଛି। ମାର୍ଚ୍ଚ ମାସ ୩୧ ପର୍ଯ୍ୟନ୍ତ ଧାନ କ୍ରୟ କରାଯିବ। ଜିଲାରେ ୧୫ ହଜାର ୪୯୧ ଚାଷୀ ନାମ ପଞ୍ଜୀକରଣ କରିଥିବା ବେଳେ କ୍ରୟ କରିବାର ୨୪ ଘଣ୍ଟା ପରେ ଡାଇରେକ୍ଟ ନିଜ ବ୍ୟାଙ୍କ ଖାତାକୁ ଜମା ହେଉଛି ବୋଲି ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମିଞ୍ଜି କହିଛନ୍ତି।

## ରାମ ମନ୍ଦିର ପ୍ରତିଷ୍ଠା ପ୍ରଥମ ବାର୍ଷିକୀରେ ବାଇକ୍ ରାଲି

ପାରଳାଖେମୁଣ୍ଡି, ୨୨।୧(ଗିରିଧାରୀ ପରିଛା)

ପାରଳାଖେମୁଣ୍ଡିସ୍ଥ କରଣ ସାହି ଠାରେ ବୁଧବାର ଦିନ ୧୧ଟାରେ ହନୁମାନ ମନ୍ଦିର କମିଟି ପକ୍ଷରୁ ବାଇକ ରାଲି ଅନୁଷ୍ଠିତ ହୋଇଛି। ଅଯୋଧ୍ୟାର ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବର ପ୍ରଥମ ବାର୍ଷିକରେ ବାଇକ ରାଲିର ଆୟୋଜନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଦଉ ମଠର ମହନ୍ତ ରାମାନନ୍ଦ ଦାସ ମହାରାଜ, ବିଶ୍ୱହିନ୍ଦୁ ପରିଷଦର ହରି ମୋହନ ପଟ୍ଟନାୟକ, କରଣ ସମାଜର ସଭାପତି ଭେଙ୍କେଟେଶ୍ୱର୍ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସହ ସହ ଶ୍ରଦ୍ଧାଳୁ ବାଇକ ରାଲିରେ ବାହାରି ନଗର ପରିକ୍ରମା କରିଥିବା ବେଳେ ସହର ସାରା ରାମ ଧ୍ୱନୀରେ ପ୍ରକମ୍ପିତ ହୋଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବାପି ପାଟଯୋଶୀ, ବିଶ୍ୱହିନ୍ଦୁ ପରିଷଦର କୈଳାସ ପଟ୍ଟନାୟକ, ଲୋକନାଥ ମିଶ୍ରଙ୍କ ସହ ଅନ୍ୟ ବିଶ୍ୱ ହିନ୍ଦୁ ପରିଷଦ ଏବଂ ବଜରଙ୍ଗ ଦଳର ସଦସ୍ୟ ମାନେ ଉପସ୍ଥିତ ଥିଲେ।

## ରାସ୍ତାକଡ଼ରୁ ହଟିଲା ମାଛ ଦୋକାନ


ମାଛ ଦୋକାନ ଉଠାଯାଉଛି ।

ବାଲିଗୁଡା,୨୨।୧(ସଞ୍ଜୟ କୁମାର ପାଣିଗ୍ରାହୀ):

ବାଲିଗୁଡା ସହରରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ବଢିବାରେ ଲାଗିଛି। ମୁଖ୍ୟତଃ ବୁଡାଗୁଡା ରାସ୍ତା ବନ୍ଧ ଛକଠାରୁ ଆରମ୍ଭ କରି ଗାନ୍ଧୀଛକ ପର୍ଯ୍ୟନ୍ତ ଗହଳି ଲାଗି ରହୁଛି। ରାସ୍ତାର ଦୁଇ କଡରେ ମାଛ, ମାଂସ ଦୋକାନଠାରୁ ଆରମ୍ଭ କରି ପରିବା, ଡ୍ରେସ ଓ ଅନ୍ୟାନ୍ୟ ଉଠା ଦୋକାନ ରହିଛି। ସ୍ଥାନୀୟ ପ୍ରଶାସନ ତରଫରୁ ବାରମ୍ବାର ତାଗିଦ ଓ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର ପରେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିଲା। ବର୍ତ୍ତମାନ ଏନଏସି କର୍ତ୍ତୃପକ୍ଷ ଆକ୍ସନ ମୁଡକୁ ଆସିଛନ୍ତି। ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର ପରେ ଏନ୍ଏସି ନିର୍ବାହୀ ଅଧିକାରୀ ବିବେକାନନ୍ଦ ଦଳାଇଙ୍କ ସହ ବିଭିନ୍ନ କର୍ମଚାରୀ ଆସି ବୁଡାଗୁଡା ରାସ୍ତା ବନ୍ଧକଡର ନୂଆସାହି ଛକଠାରେ ମାଛ ଦୋକାନୀ ଓ ଅନ୍ୟମାନଙ୍କୁ ଦୋକାନ ଉଠାଇବାକୁ କହିଥିଲେ। ଏହାକୁ ନେଇ ଏନଏସି କର୍ତ୍ତୃପକ୍ଷ ଓ ମାଛ ବ୍ୟବସାୟୀଙ୍କ ମଧ୍ୟରେ ପ୍ରବଳ ପାଟିତୁଣ୍ଡ ହୋଇଥିଲା। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ମାଛ ଦୋକାନକୁ ହଟାଇଥିଲା। ଏନଏସି ନିର୍ବାହୀ ଅଧିକାରୀ ଦଳାଇ କହିଛନ୍ତି ଯେ, ମାଛ ଦୋକାନ ଯୋଗୁ ଜନଗହଳି ପୂର୍ଣ୍ଣ ଛକ ରାସ୍ତାରେ ଯାତାୟାତରେ ବାଧା ଉପୁଜିବା ସହ ବାରମ୍ବାର ଦୁର୍ଘଟଣା ହେଉଛି। ଏଥିସହ ଦୁର୍ଗନ୍ଧ ମଧ୍ୟ ହେଉଛି। ମାଛ ବିକ୍ରି ପାଇଁ ଆରଏମସିର ବଜାର ରହିଛି ସେଠାକୁ ନ ଯାଇ ବେଆଇନ ଭାବେ ଏଣେ ତେଣେ ପକାଉଛନ୍ତି। ତେଣୁ ଏ ଦିଗରେ ଆଗକୁ ଆହୁରି ଏକ ବଡ଼ ଧରଣର ପଦକ୍ଷେପ ନିଆଯିବ ବୋଲି ସେ ପ୍ରକାଶ କରିଛନ୍ତି।

## ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍ ପକ୍ଷରୁ ବିକ୍ଷୋଭ

ଛତ୍ରପୁର,୨୨।୧
(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍ ଗଞ୍ଜାମ ଜିଲା କମିଟି ପକ୍ଷରୁ ବିଭିନ୍ନ ଦାବିର ସମାଧାନ ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିକ୍ଷୋଭ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଧାନମଣ୍ଡି ପରିଚାଳନାରେ ଅବ୍ୟବସ୍ଥାର ସମାଧାନ କରି କଟ୍‌ନି ଛଟ୍‌ନି ବନ୍ଦ କରିବା, ଛତ୍ରପୁରଠାରେ ଥିବା ନେତାଜୀଙ୍କ ବିକୃତ ପ୍ରତିମୂର୍ତ୍ତିର ପରିବର୍ତ୍ତନ ସହିତ ମୃତ୍ୟୁ ତାରିଖ ହଟାଇବା, ଚିକିଟି ମଦ ଘଟଣାର ତଦନ୍ତକୁ କ୍ରିୟାଶୀଳ କରିବା ସହିତ ପୀଡ଼ିତଙ୍କୁ କ୍ଷତିପୂରଣ ପ୍ରଦାନ ଓ ଦୋଷୀ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ। ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଆଇନ ଶୃଙ୍ଖଳାରେ ସୁଧାର ଆଣିବା ପାଇଁ ଆଧୁନିକ ଥାନା ଖୋଲିବା ଓ ଆବଶ୍ୟକ ପୋଲିସ କର୍ମଚାରୀଙ୍କୁ ନିଯୁକ୍ତି ଦେବା ସହିତ ନିୟମିତ ପେଟ୍ରୋଲିଂ କରିବା। ଜାଲ୍ ସାର୍ଟିଫିକେଟ ଦେଇ ନିଯୁକ୍ତି ପାଇଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବିରୋଧରେ ହୋଇଥିବା ଅଭିଯୋଗର ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଯାଞ୍ଚ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା। କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା। ଏସ୍‌ପି ଭିଜିଲାନ୍ସ ବ୍ରହ୍ମପୁର କାର୍ଯ୍ୟାଳୟରେ ବିଗତ ୧୦ବର୍ଷ ମଧ୍ୟରେ ଦୁର୍ନୀତିର ତଦନ୍ତ ପାଇଁ କେତେ ଅଭିଯୋଗ ହୋଇଛି, କେତେ ତଦନ୍ତ ହୋଇଛି ଏବଂ କେତେ ତଦନ୍ତ ନ ହୋଇ ଫାଇଲ ଭିତରେ ବନ୍ଧାହୋଇ ପଡ଼ିଛି ତା'ର ସମୀକ୍ଷା କରିବା ଆଦି ଦାବି ପ୍ରଦାନ କରାଯାଇଛି। ଏଥିରେ ଜିଲା ସଭାପତି ବିଭୂଧେନ୍ଦ୍ର ପାଢୀ, ଜିଲା ସାଧାରଣ ସମ୍ପାଦକ ସନ୍ତୋଷ କୁମାର ସାହୁ, ସମରଜିତ୍ ମହାନ୍ତି, ଜଗନ୍ନାଥ ପ୍ରଧାନ, ସନ୍ତୋଷ ପ୍ରଧାନ, ଶଙ୍କର ବେହେରା, କାଳୁଚରଣ ନାୟକ, ଦିଲୀପ ଅଧିକାରୀ ପ୍ରମୁଖ ସାମିଲ ଥିଲେ।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଖଜୁରିପଡ଼ା,୨୨।୧ (ବିଦୁର ବେହେରା)

ଖଜୁରିପଡ଼ା ପଞ୍ଚାୟତ ସମିତି ପରିସରରେ ବୁଧବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ପୂର୍ବାହ୍ନ ୧୦ଟା ୩୦ ମିନିଟ୍‌ରେ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମକୁ ନୂତନ ବିଡ଼ିଓ ଶୁଭ ଦତ୍ତାତ୍ରେୟ ବାହିନୀପତି, ବିଡ଼ିଓ ଦାୟିତ୍ୱରେ ଥିବା ତହସିଲଦାର ସୌମ୍ୟ ରଞ୍ଜନ ପାତ୍ର, ବିଧାୟକ ପ୍ରତିନିଧି ଅନନ୍ତ ଦିଗାଲ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ଏଥିରେ ୧୪ ପଞ୍ଚାୟତର ଶତାଧିକ ଭିନ୍ନକ୍ଷମ ଶିଶୁ, ପୁରୁଷ, ମହିଳା ମାନେ ନାମ ପଞ୍ଜିକରଣ କରିଥିଲେ। ଜିଲା ମୁଖ୍ୟ ଡାକ୍ତରଖାନାରୁ ଆସିଥିବା ବିଶେଷଜ୍ଞ ଡାକ୍ତରଙ୍କଠାରୁ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହାସହ ଅନ୍‌ଲାଇନରେ ନାମ ପଞ୍ଜିକରଣ କରି ପ୍ରମାଣପତ୍ର ଓ ଚିକିତ୍ସା ପାଇଁ ଆବେଦନ କରିଥିଲେ। ଏହି ଶିବିରରେ ୪୯୬ ଜଣ ନାମ ପଞ୍ଜିକରଣ କରିଥିଲେ। ଫୁଲବାଣୀ ମେଡିକାଲରୁ ଆସିଥିବା ବିଶେଷଜ୍ଞ ଡା.ସିଏଚ୍ ନାରାୟଣ ସୁବୁଦ୍ଧି, ଡ.ଦେବଜିତ ଦାସ, ଡ. ଜଏଦିପ ଘୋଷ ପ୍ରମୁଖ ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ମାନେ ଉପସ୍ଥିତ ଥିଲେ ଏବଂ ଭିନ୍ନକ୍ଷମ ମାନଙ୍କୁ ନେବା ଆଣିବା କରିବା ସହିତ ଖାଦ୍ୟ ବଣ୍ଟନ ସମାଜସେବୀ ମାନେ କରୁଥିଲେ ବୋଲି ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ସାହୁ ସୂଚନା ଦେଇଛନ୍ତି ।

## ଦଳୀୟ ସଙ୍ଗଠନର ସମୀକ୍ଷା କଲେ ଏମ୍‌ପି

ଭଞ୍ଜନଗର,୨୨।୧ (ବାବୁଲା ପ୍ରଧାନ)

କନ୍ଧମାଳ ଏମ୍‌ପି ସୁକାନ୍ତ ପାଣିଗ୍ରାହୀ ବୁଧବାର ଭଞ୍ଜନଗର ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଏବଂ ଭାଜପା ଘୁମୁସର ସାଂଗଠନିକ ଜିଲା ନିର୍ବାଚନ ଉପରେ ସମୀକ୍ଷା କରିଥିଲେ। ଏନେଇ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ଏକ ବୈଠକ ହୋଇଥିଲା। ଏହି ସମୟରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନୀଳ ମାଧବ ପାତ୍ର, ଭାଜପା ନେତା ବିଷ୍ଣୁ ପ୍ରସାଦ ପ୍ରଧାନ, ଏମ୍‌ପି ଜିଲା ପରିଷଦ ପ୍ରତିନିଧି ଶିବ ଶଙ୍କର ପ୍ରଧାନ, ସନ୍ତୋଷ ତିଆଡ଼ି, ରବିନ୍ଦ୍ର ଗୌଡ଼, ଭରତ ସାଇଁ, ମାନସ ଜେନା, ଶିବ ଶଙ୍କର ମହାପାତ୍ର, ତାରସିଂ ମଣ୍ଡଳ ପ୍ରତିନିଧି ରାଜୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ ନାୟକ ଦଳୀୟ କାର୍ଯ୍ୟକ୍ରମ ପାଇଁ ରାଜଧାନୀରେ ବ୍ୟସ୍ତ ଥିବା ଯୋଗୁଁ ବୈଠକରେ ଅନୁପସ୍ଥିତ ଥିଲେ।

## ପାତ୍ରପୁରରେ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ପାତ୍ରପୁର, ୨୨।୧ (ଉମା ଚରଣ ନେପାକ)

ପାତ୍ରପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦାୟିତ୍ୱ ଥିବା ତହସିଲଦାର ଅଶୋକ ପଟ୍ଟନାୟକ ଏଥିରେ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଉପସ୍ଥିତ ହୋଇଥିଲେ। ସମ୍ମାନିତ ଅତିଥି ଭାବେ ପାତ୍ରପୁର ବ୍ଲକ ଅଧକ୍ଷା ୱାଇ ସଞ୍ଜୁକ୍ତା ରେଡ୍ଡି, ସିଡିପିଓ ନମିତା ପଣ୍ଡା, ବ୍ଲକ କୃଷି ଅଧିକାରୀ ଶ୍ରଦ୍ଧା ସିଂ ମଞ୍ଚାସୀନ ଥିଲେ। ବିଏସ୍ଏସ୍ଓ ସ୍ନେହାଶିସ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ଶିବିରରେ ପ୍ରାୟ ୨ ହଜାର ଦିବ୍ୟାଙ୍ଗ ଆସି ପଞ୍ଜିକରଣ କରିଥିଲେ। ଏଥିସହ ପାତ୍ରପୁର ବ୍ଲକ ସମସ୍ତ ପ୍ରଶାସନିକ ଅଧିକାରୀ, କର୍ମଚାରୀ ଓ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ଥିଲେ।

## ପ୍ରକାଶ ଚନ୍ଦ୍ର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ

### ଚଳିତ ବର୍ଷ ସୋରଡ଼ାକୁ ୮୫୦ ବର୍ଷ ପୂରଣର ଉତ୍ସବ ପାଳନ କରାଯିବ: ବିଧାୟକ

ସୋରଡ଼ା,୨୨।୧(ରଜନୀ ମହାପାତ୍ର):

ପ୍ରକାଶ ଚନ୍ଦ୍ର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ସମାବର୍ତ୍ତନ ଉତ୍ସବ ବୁଧବାର ପାଳିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଛନ୍ତି। ଅଧକ୍ଷା ସଂଯୁକ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ମୁଖ୍ୟବକ୍ତା ଭାବେ ବ୍ରହ୍ମପୁର ମହାମାୟୀ ମହାବିଦ୍ୟାଳୟ ଓଡ଼ିଆ ପ୍ରାଧ୍ୟାପକ ଡ.ରମେଶ ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ସୋରଡ଼ା ଏନ୍ଏସି ଅଧକ୍ଷ ଶିବ ଶଙ୍କର ପଣ୍ଡା, ସାମନ୍ତିଆପଲି ଏସ୍‌ବିପି ମହାବିଦ୍ୟାଳୟ ଅଧ୍ୟାପକ ଡ.ଅଶୋକ ପଣ୍ଡା, ଶେରଗଡ଼ ୟୁପି ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାଣିଜ୍ୟ ବିଭାଗ ଅଧ୍ୟାପକ ଶ୍ରୀକାନ୍ତ ପଣ୍ଡା, ସୋରଡ଼ା ବିଧାୟକଙ୍କ ଶିକ୍ଷାବିଭାଗ ପ୍ରତିନିଧି ରଜନୀ ମହାପାତ୍ର, ଋଷିକୁଲ୍ୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ଅନିଲ ଦାଶ, କେଶବ ପଣ୍ଡା ମହିଳା ସ୍ନାତକ ମହାବିଦ୍ୟାଳୟ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ଅଧ ଓ ପ୍ରତିଷ୍ଠାତା କେଶବ ପଣ୍ଡା ପ୍ରମୁଖ ଯୋଗଦେଇ ଥିଲେ। ଇଂରାଜୀ ଅଧ୍ୟାପକ ରୋହିତ କୁମାର ବିଷୋୟୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ସୋରଡ଼ାରେ ମହିଳାଙ୍କ ପାଇଁ ଆଜକୁ ୨୬ ବର୍ଷ ତଳେ ଗଠନ ହୋଇଥିବା ଏହି କଲେଜ ଏବେ ଏକ ପ୍ରତିଷ୍ଠିତ ଅନୁଷ୍ଠାନ ରୂପେ ପରିଚିତ ହୋଇପାରିଛି। ଏଥିପାଇଁ କଲେଜ ଅଧ୍ୟାପିକା ଓ ଅଧ୍ୟାପକଙ୍କ ଅକ୍ଳାନ୍ତ ପରିଶ୍ରମ ପ୍ରଶଂସନୀୟ। ଏହି ଅବସରରେ ସୋରଡ଼ା ୧୧୭୬ ମସିହାରେ ଖିଡିଶିଙ୍ଗୀ ରାଜବଂଶ ଦ୍ୱାରା ପ୍ରତିଷ୍ଠିତ ହୋଇଥିବା ବେଳେ ଚଳିତ ବର୍ଷ ୮୫୦ ବର୍ଷ ପୂରଣର ଉତ୍ସବ ଧୁମ୍‌ଧାମରେ ଆଗାମୀ କଣ୍ଟାପିଡା ଯାତ୍ରାରେ ପାଳନ କରାଯିବ ଏବଂ ଏଥିପାଇଁ ଏକ ସଂସ୍କରଣ ପ୍ରକାଶ କରିବା ପାଇଁ ପ୍ରତିନିଧି ରଜନୀ ମହାପାତ୍ରଙ୍କୁ ଦାୟିତ୍ୱ ପ୍ରଦାନ କରିଥିଲେ।

## ଜୀବନ ଜ୍ୟୋତି ମହାବିଦ୍ୟାଳୟର ବାର୍ଷିକୋତ୍ସବ

ରାଇକିଆ, ୨୨।୧(ପ୍ରଦୀପ ବେହେରା)

ରାଇକିଆ ଜୀବନ ଜ୍ୟୋତି ମହାବିଦ୍ୟାଳୟର ବାର୍ଷିକୋତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ପ୍ରଭାକର ରାଜୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ, ସମ୍ମାନୀୟ ଅତିଥି ଭାବେ ଜି.ଉଦୟଗିରି ବିଧାୟକ ପ୍ରଫୁଲ୍ଲ ପ୍ରଧାନ, ଆଇଟିଡିଏ ସହକାରୀ ଯନ୍ତ୍ରୀ ବୈକୁଣ୍ଠ ନାଥ ବେହେରା, ସାଂସଦଙ୍କ ପ୍ରତିନିଧି ଦୁର୍ଗା ମାଧବ ଆଚାର୍ଯ୍ୟ, ବରିଷ୍ଠ ପ୍ରାଧ୍ୟାପକ ଉମାକାନ୍ତ ରଥ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କୁ ଶିକ୍ଷା ବ୍ୟତୀତ ଈର୍ଷା ତ୍ୟାଗ କରି ଗୁରୁଜନଙ୍କୁ ଉଚିତ ସମ୍ମାନ ଦେବା ସହ ଛାତ୍ର ଜୀବନକୁ ଶୃଙ୍ଖଳିତ କରି ଉତ୍ତମ ଭବିଷ୍ୟତ ଗଢ଼ିବା ପାଇଁ ଅତିଥି ମାନେ ପରାମର୍ଶ ଦେଇଥିଲେ। ଅଧ୍ୟାପକ ବେଣୁପାଣି ମହାପାତ୍ର ଏବଂ ଅଧ୍ୟାପିକା ମଞ୍ଜୁଳା ସାହୁ ସଭା ପରିଚାଳନା କରିଥିଲେ।

## ଆଞ୍ଚଳିକ ପରିବହନ ବିଭାଗ, ପୋଲିସର ଗାଡ଼ିମୋଟର ଯାଞ୍ଚ

### ୨ ଲକ୍ଷ ୬୦ ହଜାର ଜରିମାନା

ଦାରିଙ୍ଗବାଡ଼ି,୨୨।୧ (ଅରୁଣ ସାହୁ)

କନ୍ଧମାଳ ଜିଲା ଆଞ୍ଚଳିକ ପରିବହନ ବିଭାଗ ଓ ଦାରିଙ୍ଗବାଡ଼ି ପୋଲିସ ପକ୍ଷରୁ ମିଳିତ ଭାବେ ବିଭିନ୍ନ ସ୍ଥାନରେ ବ୍ଲକିଂ କରି ଗାଡ଼ିମୋଟର ଯାଞ୍ଚ କରାଯାଇଛି। ବେପରୁଆ ଗାଡ଼ିଚାଳନା, ମଦ୍ୟପ ଗାଡ଼ିଚଳାଇବା, ବିନା ହେଲମେଣ୍ଟ, ବିନା ସିଟବେଲ୍ଟ ବ୍ୟବହାର ସହ ଗାଡ଼ି ଚଳାଇବା ସମୟରେ ମୋବାଇଲ ଫୋନ ବ୍ୟବହାର, ଡ୍ରାଇଭିଂ ଲାଇସେନ୍ସ ଆଦି ଯାଞ୍ଚ କରାଯାଇ ମୋଟ ୩୨ଟି ଚାଲାଣ କଟାଯିବା ସହ ନିୟମ ଉଲ୍ଲଂଘନକାରୀ ଚାଳକଙ୍କୁ ୨ଲକ୍ଷ ୬୦ ହଜାର ଜରିମାନା ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଥିବା ଫୁଲବାଣୀ ଟ୍ରାଫିକ୍ ସବ୍‌ଇନ୍ସପେକ୍ଟର ଶିବାନୀ ମାଝୀ କହିଛନ୍ତି। ସେ କହିଛନ୍ତି,



ପ୍ରତିଦିନ ଜିଲାରେ ଏଭଳି ଗାଡ଼ି ମୋଟର ଯାଞ୍ଚ କରାଯାଉଥିବା ବେଳେ ପ୍ରତି ସପ୍ତାହରେ ଦାରିଙ୍ଗବାଡ଼ି ଅଞ୍ଚଳରେ ଏହି ପ୍ରକ୍ରିୟା କରାଯାଉଛି। ଦାରିଙ୍ଗବାଡି ଠାରୁ ବ୍ରାହ୍ମଣୀଗାଁକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗର କଫି ବଗିଚା ନିକଟରେ ଏହି ଯାଞ୍ଚ କରାଯାଇଛି। ଏହାସହିତ ଦୁର୍ଘଟଣା ଶୂନ କରିବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଆମେ ମଧ୍ୟ ଏହାକୁ ଗୁରୁତ୍ୱ ଦେଉଛୁ।

